# NATIONAL NEWS BULLETIN (ODIA)
## 9 July - 2025
## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ଭାରତ ଓ ନାମିବିୟା ମଧ୍ୟରେ ଚାରୋଟି ବୁଝାମଣାପତ୍ର ସ୍ୱାକ୍ଷରିତ
  - ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନାମିବିୟାର ସର୍ବୋଚ୍ଚ ସମ୍ମାନ ପ୍ରଦାନ
  - ନାମିବିୟା ସଂସଦକୁ ସମ୍ବୋଧନ କଲେ ପ୍ରଧାନମନ୍ତ୍ରୀ
- ଗୁଜୁରାଟ ଓ ରାଜସ୍ଥାନ ସରକାର ଓଟ କ୍ଷୀରର ଔଷଧୀୟ ଗୁଣକୁ ବ୍ୟବହାର କରିବା ଲାଗି ଯୋଜନା ପ୍ରସ୍ତୁତ କରୁଛନ୍ତି; କହିଲେ ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ
- ଭାରତ ୨୦୭୦ ମସିହା ସୁଦ୍ଧା ଶୂନ୍ୟ ଅଙ୍ଗାରକାମ୍ଳ ନିର୍ଗମନ ନେଇ ପ୍ରତିବଦ୍ଧତା ହାସଲ କରିବା ଦିଗରେ ଆଗକୁ ବଢୁଛି; କହିଲେ ଶିକ୍ଷା ମନ୍ତ୍ରୀ
- ରାଜସ୍ଥାନର ଚୁରୁ ଜିଲ୍ଲା ନିକଟରେ ଭାରତୀୟ ବାୟୁସେନାର ଜାଗୁଆର ବିମାନ ଦୁର୍ଘଟଣାଗ୍ରସ୍ତ

ଏବଂ

● ୱିମ୍ବଲଡନ ଟେନିସ୍‌ରେ ଆଜି ଖେଳାଯାଉଛି କ୍ୱାର୍ଟର ଫାଇନାଲ ମ୍ୟାଚ୍

# ପିଏମ୍ ନାମିବିୟା ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପସ୍ଥିତିରେ ଭାରତ ଓ ନାମିବିୟା ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ବୁଝାମଣା ଅନ୍ତର୍ଗତ ନାମିବିୟାରେ ଏକ ଉଦ୍ୟୋଗ ବିକାଶ କେନ୍ଦ୍ର ସ୍ଥାପନ ହେବ। ଉଭୟ ଦେଶ ସ୍ୱାସ୍ଥ୍ୟ ଏବଂ ଔଷଧ କ୍ଷେତ୍ରରେ ସହଯୋଗ ପାଇଁ ଏକ ବୁଝାମଣାପତ୍ର ମଧ୍ୟ ସ୍ୱାକ୍ଷର କରିଛନ୍ତି। ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ମେଣ୍ଟ ଏବଂ ବୈଶ୍ୱିକ ଜୈବ ଇନ୍ଧନ ମେଣ୍ଟରେ ନାମିବିୟାର ଯୋଗଦାନ ପାଇଁ ସ୍ୱୀକୃତିପତ୍ର ମଧ୍ୟ ଉପସ୍ଥାପିତ ହୋଇଛି। ନାମିବିୟାର ରାଜଧାନୀ ୱିଣ୍ଡହୋକ୍‌ର ଷ୍ଟେଟ୍ ହାଉସରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ନାମିବିୟା ରାଷ୍ଟ୍ରପତି ନେତୁମ୍ବୋ ନନ୍ଦୀ- ଏନ୍‌ଦୈତୱାଙ୍କ ମଧ୍ୟରେ ପ୍ରତିନିଧିମଣ୍ଡଳସ୍ତରୀୟ ଆଲୋଚନା ପରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ପ୍ରଧାନମନ୍ତ୍ରୀ ମୋଦୀ ଏକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ଆଲୋଚନା ସମୟରେ ଡିଜିଟାଲ ପ୍ରଯୁକ୍ତିବିଦ୍ୟା ପ୍ରତିରକ୍ଷା, ସୁରକ୍ଷା, କୃଷି, ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଭଳି ସ୍ଥାନ ପାଇଥିଲା। ପ୍ରଧାନମନ୍ତ୍ରୀ ମୋଦୀ ୱିଣ୍ଡହୋକ୍‌ର ଜାତୀୟ ସ୍ମାରକୀ ହିରୋସ୍ ଏକରରେ ନାମିବିୟା ଦେଶର ଜାତିର ପିତା ତଥା ପ୍ରଥମ ରାଷ୍ଟ୍ରପତି ସାମ୍ ନୁଜୋମାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ

କରିଛନ୍ତି। ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଶ୍ରୀ ମୋଦୀଙ୍କୁ ନାମିବିୟାର ସର୍ବୋଚ୍ଚ ନାଗରିକ ସମ୍ମାନ 'ଅର୍ଡର ଅଫ୍ ଦି ମୋଷ୍ଟ ଆନସିଏଣ୍ଟ ୱେଲୱିଚିଆ ମିରାବିଲିସ୍' ପ୍ରଦାନ କରାଯାଇଛି। ବର୍ତ୍ତମାନ ଶ୍ରୀ ମୋଦୀ ନାମିବିୟାର ସଂସଦକୁ ସମ୍ବୋଧିତ କରୁଛନ୍ତି। ଯାହା ଦୁଇ ରାଷ୍ଟ୍ର ମଧ୍ୟରେ ଚାଲିଥିବା ସମ୍ପର୍କର ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ। ଆଜି ସକାଳେ ଶ୍ରୀ ମୋଦୀ ତାଙ୍କର ପଞ୍ଚରାଷ୍ଟ୍ରୀୟ ଗସ୍ତର ଶେଷ ପର୍ଯ୍ୟାୟରେ ୱିଣ୍ଡହୋକ୍ ପହଁଞ୍ଚିଥିଲେ। ସେଠାରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

**V/O- CEREMINIAL-RECEPTION-MUSIC**

ଦକ୍ଷିଣ ଆଫ୍ରିକୀୟ ଦେଶକୁ ଶ୍ରୀ ମୋଦୀଙ୍କର ଏହା ପ୍ରଥମ ଗସ୍ତ ହୋଇଥିବା ବେଳେ ପ୍ରାୟ ତିନି ଦଶନ୍ଧି ପରେ ଜଣେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ତୃତୀୟ ଗସ୍ତ।

## ଅମିତ ଶାହା ଶଙ୍କର ସମ୍ବାଦ

ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା ଅନ୍ତର୍ଜାତୀୟ ସମବାୟ ବର୍ଷ ଅବସରରେ ଗୁଜୁରାଟ, ମଧ୍ୟପ୍ରଦେଶ ଓ ରାଜସ୍ଥାନର ସମବାୟ ସହ ସମ୍ପୃକ୍ତ ମହିଳା ଏବଂ ଅନ୍ୟ କର୍ମଚାରୀଙ୍କ ସହ ଆଲୋଚନା କରିଛନ୍ତି। ଶ୍ରୀ ଶାହା କଚ୍ଛ ଜିଲ୍ଲାର ଓଟପାଳକ ମାଲଧାରୀ ସମବାୟ ସମିତିର ମିରାଲବେନ୍ ରାବରୀଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଆଲୋଚନା ସମୟରେ

ମିରାଲବେନ୍ ଓଟ କ୍ଷୀରର ରାସାୟନିକ ପରୀକ୍ଷଣ ଏବଂ ଗବେଷଣା କରିବାକୁ ଅନୁରୋଧ କରିଥିଲେ ।

**V/O– SHAH-ON-CAMEL-MILK**

ଚାରୋଟି ଆୟୁର୍ବେଦିକ କମ୍ପାନୀ ଓଟ କ୍ଷୀରର ଔଷଧୀୟ ଗୁଣ ପରୀକ୍ଷା କରୁଥିବା ବେଳେ ଗୋଟିଏ କମ୍ପାନୀ ଏହି କାର୍ଯ୍ୟ ସମାପ୍ତ କରିସାରିଛି । ଗୁଜୁରାଟ ଏବଂ ରାଜସ୍ଥାନ ସରକାର ମିଳିତ ଭାବେ ଦେଶବ୍ୟାପୀ ଓଟ ପ୍ରଜନନକାରୀଙ୍କଠାରୁ କ୍ଷୀର ସଂଗ୍ରହ କରିବା ଏବଂ ଅଧିକ ମୂଲ୍ୟ ପାଇବା ପାଇଁ ଏହାର ଔଷଧୀୟ ଗୁଣକୁ ବ୍ୟବହାର କରିବା ଲାଗି ଯୋଜନା ପ୍ରସ୍ତୁତ କରୁଛନ୍ତି ବୋଲି ଶ୍ରୀ ଶାହା କହିଛନ୍ତି ।

# ଗୁଜୁରାଟ– ବ୍ରିଜ୍ କୋଲାପ୍ସ

ଗୁଜୁରାଟର ଭଦୋଦରାସ୍ଥିତ ଗମ୍ଭୀରା ନିକଟରେ ପୋଲ ଭୁଶୁଡ଼ିବା ଘଟଣାର ତଦନ୍ତ ପାଇଁ ଗୁଜୁରାଟ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲ ନିର୍ଦ୍ଦେଶ ଦେଇଛନ୍ତି । ଏହି ଘଟଣାରେ ୯ ଜଣଙ୍କର ମୃତ୍ୟୁ ହେବା ସହ ଅନେକ ଆହତ ହୋଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏହି ପ୍ରସଙ୍ଗ ନେଇ ଆଲୋଚନା ହୋଇଥିଲା । ବିଭାଗୀୟ ଅଧିକାରୀଙ୍କଠାରୁ ଶ୍ରୀ ପଟେଲ ଏକ ପ୍ରାରମ୍ଭିକ ରିପୋର୍ଟ ତଲବ କରିଛନ୍ତି । ଭଦୋଦରାରେ ଆଜି ସକାଳେ ପାଦ୍ରା ନିକଟରେ ଗମ୍ଭୀରା ପୋଲର ଏକ ଅଂଶ ଭୁଶୁଡ଼ି ପଡ଼ିବାରୁ ମହିସାଗର ନଦୀରେ ପାଞ୍ଚୋଟି ଗାଡ଼ି ଖସି ପଡ଼ି ୯

ଜଣଙ୍କର ମୃତ୍ୟୁ ହୋଇଥିଲା। ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଉଦ୍ଧାର କାର୍ଯ୍ୟ କରାଯାଇଥିଲା।

## ରକ୍ଷା ଖଡ଼ସେ- ଖେଲୋ ଭାରତ

ଯୁବ ବ୍ୟାପାର ଏବଂ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ରକ୍ଷା ଖଡ଼ସେ କହିଛନ୍ତି, ଖେଲୋ ଭାରତ ନୀତି-୨୦୨୫ ଅନ୍ତର୍ଗତ କେବଳ ପ୍ରତିଭାକୁ ଆବିଷ୍କାର କରିବା ପାଇଁ ନୁହେଁ ବରଂ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ଏବଂ ସାମୁଦାୟିକ ସମ୍ପର୍କ ମାଧ୍ୟମରେ ଏହାକୁ ବଜାୟ ରଖିବା ପାଇଁ ଏକ ଅନୁକୂଳ ପରିବେଶ ନିର୍ମାଣ କରୁଛନ୍ତି। ଶ୍ରୀମତୀ ଖଡ଼ସେ ଆଜି ଉତ୍ତର ପ୍ରଦେଶର ମୋଦୀ ନଗରରେ ଭାରୋତ୍ତଳନ ଯୋଦ୍ଧା ଏକାଡେମୀ ପରିଦର୍ଶନ କରିଛନ୍ତି। ଯୁବ ଖେଳାଳି ଏବଂ ପ୍ରଶିକ୍ଷକମାନଙ୍କୁ ସମ୍ବୋଧନ କରି ଶ୍ରୀ ଖଡ଼ସେ କହିଛନ୍ତି, ସରକାର ପ୍ରତ୍ୟେକ ପ୍ରତିଭାକୁ ଉନ୍ମୋଚନ କରିବା ଏବଂ ପ୍ରତ୍ୟେକ ଆକାଂକ୍ଷା ପୂରଣ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ।

## ପ୍ରଧାନ- ଆଇଆଇଟି ୱାର୍କସପ୍

ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଭାରତକୁ ଏକ ସ୍ମାର୍ଟ ରଣନୀତି ସୃଷ୍ଟି କରିବାକୁ ପଡ଼ିବ, ଯାହା ସମାଜର ଆକାଂକ୍ଷା ଏବଂ ଶକ୍ତି ଆବଶ୍ୟକତା ପୂରଣ କରିବା ସହ ଶିକ୍ଷାଗତ ଜ୍ଞାନକୁ ସାମାଜିକ ମଙ୍ଗଳ ସହ ଏକତ୍ରୀତ କରିବ। ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ– ଆଇ.ଆଇ.ଟି. ଦିଲ୍ଲୀ ଦ୍ୱାରା ଆୟୋଜିତ 'ଭବିଷ୍ୟତ ପାଇଁ ପ୍ରସ୍ତୁତ ଶକ୍ତି ଶିକ୍ଷା : ସୁଯୋଗ ଏବଂ ଆହ୍ୱାନ'

ଶୀର୍ଷକ ଜାତୀୟ କର୍ମଶାଳାକୁ ଉଦ୍‌ବୋଧନ ଦେଇ ଶ୍ରୀ ପ୍ରଧାନ କହିଛନ୍ତି, ଭାରତ ୨୦୭୦ ମସିହା ସୁଦ୍ଧା ଶୂନ୍ୟ ଅଙ୍ଗାରକାମ୍ଳ ନିର୍ଗମନ ନେଇ ପ୍ରତିବଦ୍ଧତା ହାସଲ କରିବା ଦିଗରେ ଆଗକୁ ବଢୁଛି। ମନ୍ତ୍ରୀ କହିଛନ୍ତି, ଭାରତ ବିଶ୍ୱର ତୃତୀୟ ବୃହତ ଶକ୍ତି ଉପଭୋକ୍ତା ପ୍ରତି ମୁଣ୍ଡ ପିଛା କେବଳ ଏକ ତୃତୀୟାଂଶ ଶକ୍ତି ବ୍ୟବହାର କରୁଛି। ଆଇ.ଆଇ.ଟି. ଦିଲ୍ଲୀ ଦ୍ୱାରା ଆୟୋଜିତ ସମ୍ମିଳନୀ ଶକ୍ତି ଶିକ୍ଷା ପାଇଁ ଭବିଷ୍ୟତର ପଥ ସୃଷ୍ଟି କରିବା ଏକ ଆବଶ୍ୟକ ପଦକ୍ଷେପ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏହି ପଦକ୍ଷେପ ସାମଗ୍ରୀକ ଶିକ୍ଷା ପାଠ୍ୟକ୍ରମ ସହିତ ଶକ୍ତି ଶିକ୍ଷାକୁ ସମନ୍ୱିତ କରିବା ପାଇଁ ଏକ ଦୀର୍ଘଯାତ୍ରାର ଭିତ୍ତିଭୂମି ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

## ଚୁରୁ ପ୍ଲେନ କ୍ରାସ

ରାଜସ୍ଥାନର ଚୁରୁ ଜିଲ୍ଲା ନିକଟରେ ଭାରତୀୟ ବାୟୁସେନାର ଏକ ଜାଗୁଆର ଲଢୁଆ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଘଟଣା ପରେ ପୋଲିସ ଏବଂ ପ୍ରଶାସନର ଅଧିକାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଁଞ୍ଚିଥିଲେ। ଦୁର୍ଘଟଣାର କାରଣ ଜାଣିବା ପାଇଁ ଏକ ତଦନ୍ତ କୋର୍ଟ ଗଠନ କରାଯାଇଛି। ବିମାନରେ ନିୟମିତ ତାଲିମ ମିଶନ ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡ଼ିଛି।  ଦୁର୍ଘଟଣାରେ ଉଭୟ ପାଇଲଟ ଗୁରୁତର ଆହତ ହୋଇଛନ୍ତି। ଘଟଣାସ୍ଥଳରୁ ଦୁଇଟି ମୃତଦେହ ଉଦ୍ଧାର ହୋଇଥିବା ନେଇ ଚୁରୁ ପୋଲିସ ଅଧୀକ୍ଷକ ଜୟ ଯାଦବ କହିଛନ୍ତି। ଏହି ଘଟଣାରେ କୌଣସି ସାଧାରଣ ନାଗରିକ ମୃତାହତ ହୋଇନାହାଁନ୍ତି ବୋଲି

ସେ ସ୍ପଷ୍ଟ କରିଛନ୍ତି। ଭାରତୀୟ ବାୟୁସେନା ଦୁର୍ଘଟଣାରେ ଜୀବନହାନୀ ପାଇଁ ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରଙ୍କ ପ୍ରତି ସମବେଦନା ଜଣାଇଛି।

## ଅମରନାଥ ଯାତ୍ରା

ଚଳିତ ମାସ ୩ ତାରିଖରୁ ଆରମ୍ଭ ହୋଇଥିବା ବାର୍ଷିକ ୩୮ ଦିନିଆ ପବିତ୍ର ଅମରନାଥ ଯାତ୍ରା ଦକ୍ଷିଣ କାଶ୍ମୀରସ୍ଥିତ ଅନନ୍ତନାଗ ଜିଲ୍ଲାର ନନଓ୍ବାନ୍ ପହଲଗାମ ମୂଳ ଶିବିର ଏବଂ ମଧ୍ୟ କାଶ୍ମୀରର ଗଣ୍ଡେରବାଲ ଜିଲ୍ଲାର ବାଲତାଲ ମୂଳ ଶିବିରରୁ ସୁଗମ, ଶାନ୍ତିପୂର୍ଣ୍ଣ ଏବଂ ନିରବଚ୍ଛିନ୍ନ ଭାବେ ଚାଲିଛି। ଆଜି ଯାତ୍ରାର ସପ୍ତମ ଦିନ ମଧ୍ୟାହ୍ନ ସୁଦ୍ଧା ୧ ଲକ୍ଷ ୨୧ ହଜାରରୁ ଅଧିକ ଶ୍ରଦ୍ଧାଳୁ ପବିତ୍ର ଗୁମ୍ଫାରେ ପୂଜାର୍ଚ୍ଚନା କରିଛନ୍ତି। ହିମାଳୟ ପର୍ବତମାଳାରେ ୧୨ ହଜାର ୭୫୬ ଫୁଟ ଉଚ୍ଚତାରେ ଅବସ୍ଥିତ ପବିତ୍ର କେଦାରନାଥ ଗୁମ୍ଫା ବରଫ ଶିବଲିଙ୍ଗ ପାଇଁ ପ୍ରସିଦ୍ଧ।  ଆଜି ସକାଳେ ୩୦୨ଟି ଗାଡ଼ିରେ ୭ ହଜାର ୫୭୯ ଜଣଙ୍କୁ ନେଇ ଅମରନାଥ ଯାତ୍ରାର ଅଷ୍ଟମ ଦଳ ଜାମ୍ମୁସ୍ଥିତ ଭଗବତୀ ନଗରରୁ ପହଲଗାମ ଏବଂ ବାଲତାଲ ମୂଳ ଶିବିରକୁ ଯାତ୍ରା କରିଛନ୍ତି। ଶ୍ରଦ୍ଧାଳୁଙ୍କ ଯାତ୍ରାକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଚଳିତ ବର୍ଷ ବହୁ ସଂଖ୍ୟକ ଯାତ୍ରୀ ପବିତ୍ର ଅମରନାଥ ଗୁମ୍ଫା ପରିଦର୍ଶନ କରିବାର ଆଶା କରାଯାଉଛି।

# ୱିମ୍ବଲଡନ

ୱିମ୍ବଲଡନରେ ଆଜି ସନ୍ଧ୍ୟାରେ ଲଣ୍ଡନର ଅଲ୍ ଇଂଲଣ୍ଡ କ୍ଲବରେ ଅନେକ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ପୁରୁଷ ସିଙ୍ଗିଲ୍‌ସରେ ଇଟାଲୀର ଜାନିକ୍ ସିନର ଆମେରିକାର ବେନ୍ ସେଲଟନ୍‌ଙ୍କ ବିପକ୍ଷରେ ଖେଳିବେ। ଅନ୍ୟ ଏକ ମ୍ୟାଚ୍‌ରେ ୨୪ଥର ଗ୍ରାଣ୍ଡ ସ୍ଲାମ ବିଜେତା ସର୍ବିୟାର ନୋଭାକ୍ ଜୋକୋଭିଚ୍’ ଇଟାଲୀର ଫ୍ଲାଭିଓ କୋବୋଲିଙ୍କ ସହ ମୁକାବିଲା କରିବେ।

ମହିଳା ସିଙ୍ଗିଲ୍‌ସରେ ପୋଲାଣ୍ଡର ଇଗା ସ୍ୱିଆଟେକ୍ ଏବଂ ରୁଷ୍‌ର ଲିଉଡମିଲା ସାମ୍‌ସୋନୋଭାଙ୍କ ମଧ୍ୟରେ ମୁକାବିଲା ଚାଲିଥିବା ବେଳେ ଅନ୍ୟ ଏକ ମ୍ୟାଚ୍‌ରେ ରୁଷ୍‌ର ମିରା ଆନ୍ଦ୍ରିଭା ସ୍ୱିଜରଲାଣ୍ଡର ବେଲିଣ୍ଡା ବେନସିକ୍‌ଙ୍କ ମଧ୍ୟରେ ମ୍ୟାଚ୍ ଜାରି ରହିଛି।

ଗତକାଲି ବିଶ୍ୱର ଏକ ନମ୍ବର ମାନ୍ୟତା ପ୍ରାପ୍ତ ଆରିନା ସାବାଲେଙ୍କା’ ଜର୍ମାନୀର ଲୌରା ସିଗେମଣ୍ଡଙ୍କୁ ପରାସ୍ତ କରି ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଅନ୍ୟପକ୍ଷରେ କ୍ରମାଗତ  ଦୁଇଥର ଚାମ୍ପିଅନ କାର୍ଲୋସ ଆଲ୍‌କାରାଜ ଚମତ୍କାର କ୍ରୀଡ଼ା ପ୍ରଦର୍ଶନ କରି ବ୍ରିଟେନ୍‌ର କ୍ୟାମେରନ୍

ନୋରିଙ୍କୁ ସିଧାସଳଖ ସେଟ୍‌ରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି।

## ହକି

ଭାରତ’ ଆୟରଲାଣ୍ଡକୁ ପରାସ୍ତ କରି  ବିଜୟ ସହ ତାର ୟୁରୋପ ଗସ୍ତ ଆରମ୍ଭ କରିଛି। ଭାରତ-ଏ’ ପୁରୁଷ ହକି ଦଳ ନେଦରଲାଣ୍ଡର ଇଣ୍ଡହୋବେନ୍‌ଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ଆୟରଲାଣ୍ଡକୁ ୬-୧ ଗୋଲ୍‌ରେ ପରାସ୍ତ କରିଛି। ଆଜି ରାତି ସାଢ଼େ ୯ାରେ ଭାରତ ଓ ଆୟରଲାଣ୍ଡ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଖେଳାଯିବ।